## ଲଘୁଶସ୍ୟ ଜାତୀୟ ଖାଦ୍ୟର ଥିବା ପୌଷ୍ଟିକ ଆକଳନ (ମି.ଲି ଗ୍ରାମରେ)

| | ଲୌହ | ଚୁନ | ଖଣିଜ | ତନ୍ତ୍ର | ପୃଷ୍ଟିସାର |
|---|---|---|---|---|---|
| ମାଣ୍ଡିଆ | ୩.୯ | ୩୪.୪ | ୨.୭ | ୩.୬ | ୭.୩ |
| ବାଜରା | ୧୬.୯ | ୩୮ | ୨.୩ | ୧.୩ | ୧୦.୬ |
| କାଙ୍କୁ | ୨.୮ | ୩୧ | ୩.୩ | ୮.୦ | ୧୨.୩ |
| କୋଦେ | ୦.୫ | ୨୭ | ୨.୬ | ୯.୦ | ୮.୩ |
| ସୁଆଁ | ୯.୩ | ୧୭ | ୧.୫ | ୭.୬ | ୭.୭ |

### ଉପଭୋକ୍ତାଙ୍କୁ ଚିଠିଟିଏ

ପ୍ରିୟ ଉପଭୋକ୍ତା

ଆମେ ପ୍ରତିବର୍ଷ ଆମ ଡିପ ଜମିରେ ଲଘୁଜାତ ଶସ୍ୟ ଚାଷ କରିଥାଉ । ଆମେ ଜାଣିନଥିଲୁ କି ଲଘୁ ଶସ୍ୟ ଫସଲ ପ୍ରସ୍ତୁତି ଆହାରରେ ଗୁଡ଼ାଏ ଲାଭଅଛି । ଆମେ ଏହି ଲଘୁ ଶସ୍ୟ ଫସଲଚାଷ କରି ଆମ ପରିବାର ପୋଷଣ କରୁଛୁ । ଯଦି ଆପଣଙ୍କ ଭୋଜନରେ ଏହି ଫସଲରୁ ପ୍ରସ୍ତୁତ ଖାଦ୍ୟକୁ ଶତକଡ଼ା ୨୫ ଭାଗ ସାମିଲ କରୁଛନ୍ତି । ତେବେ ଆପଣଙ୍କ ପରିବାର, ସୁସ୍ଥ, ମାନସିକ ଚାପ, ସମୟ, ଆହାର ପାଇଁ ହେଉଥିବା ଖର୍ଚ୍ଚକୁ ସନ୍ତୁଳନ କରିବା ସହିତ କୃଷି ଓ କୃଷକର ହିତ ସହିତ ଦେଶର ପ୍ରଗତିର ମୁଖ୍ୟସ୍ରୋତରେ ସାମିଲ ହେବାର ପ୍ରୟାସ କୁ ଜାରି ରଖିଛନ୍ତି, ତେଣୁ ଆମେ ଆପଣଙ୍କ ପାଖରେ ଚିରଋଣି ।

ଆପଣଙ୍କ ଚାଷୀ

ହସିଲେ କୃଷକ ବଢିବ ଦେଶ

ରାଜ୍ୟର ହେବ ବହୁ ବିକାଶ

ରାଜ୍ୟ ସ୍ତରୀୟ କୃଷି ପ୍ରଦର୍ଶନୀ କୃଷି ମହୋତ୍ସବ ଉପଲକ୍ଷେ ସଂପ୍ରସାରଣ ସଂସ୍କାର ଯୋଜନାରେ ୩୦୦୦ ଖଣ୍ଡ ମୁଦ୍ରିତ ।

pdatmakoraput@rediffmail.com /
atmakoraput/rmckoraput/e-nam.nic.in

## ଲଘୁ ଶସ୍ୟ ଏକ ବିସ୍ମୟକର ଏବଂ ଚମକପ୍ରଦ ଖାଦ୍ୟ




### ଲଘୁ ଶସ୍ୟର ଖାଦ୍ୟ କାହିଁକି ?

- ମଧୁମେହ ଓ ମେଦବହୁଳତା ହ୍ରାସ ପାଇଁ ଉତ୍କୃଷ୍ଟ ଧରଣର ଖାଦ୍ୟ ।
- ହୃଦ ରୋଗର ପ୍ରତିରୋଧ ଶକ୍ତି ବଢାଏ ।
- ଶରୀରର ଅସ୍ଥିମଜ୍ଜା ବୃଦ୍ଧି ପାଇଁ ସର୍ବୋତ୍କୃଷ୍ଟ ।
- ରକ୍ତହୀନତା, ମାନସିକ ଚାପ ଏବଂ ଉଦବେଗ ଜନିତ ଅବସ୍ଥାକୁ ସନ୍ତୁଳିତ ରଖେ ।
- ରକ୍ତରେ କୋଲେଷ୍ଟ୍ରୋଲ ସ୍ତରକୁ କମାଇବାରେ ସାହାଯ୍ୟ କରେ ।
- ହୃଦଘାତର ସମ୍ଭାବନା କୁ କମାଇଥାଏ ।
- ପୃଷ୍ଟିସାର ପାଇଁ ଗାଈ କ୍ଷୀରର ବିକଳ୍ପ ।
- ଶିଶୁ ଆହାର ପାଇଁ ସର୍ବୋତ୍କୃଷ୍ଟ ।
- ମା କ୍ଷୀର ବୃଦ୍ଧିରେ ସାହାଯ୍ୟ କରେ ।
- ତ୍ୱଚା କୁ ସତେଜ ଏବଂ ସୁସ୍ଥ ରଖିବାରେ ସାହାଯ୍ୟ କରେ ।
- ହଜମ ପ୍ରକ୍ରିୟା କୁ ତ୍ୱରାନ୍ୱିତ କରେ ।
- ଶରୀରରୁ କ୍ଷତିକାରକ ଉପାଦନକୁ ବାହାର କରିବାରେ ସାହାଯ୍ୟ କରେ ।
- ସ୍ତନ କର୍କଟ କୁ ନିବାରଣ କରେ ।
- ରକ୍ତ ଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ।
- ବୃକକ, ଯକୃତ ଏବଂ ଦେହର ରୋଗ ପ୍ରତିରୋଧକ ଶକ୍ତିକୁ ଅନୁକୂଳ ରଖିବାରେ ସାହାଯ୍ୟ କରେ ।

**ଆଜି ହିଁ ଆପଣଙ୍କ ଖାଦ୍ୟରେ ଲଘୁ ଶସ୍ୟ ଜାତୀୟ ଖାଦ୍ୟ କୁ ତାଲିକାଭୁକ୍ତ କରନ୍ତୁ**

**କୃଷି ବୈଷୟିକ ପରିଚାଳନା ସଂସ୍ଥା, କୋରାପୁଟ**

ଆମର ଶକ୍ତି କୃଷକ ଗୋଷ୍ଠୀ
ଆତ୍ମା, କୋରାପୁଟ

## ରାଜ୍ୟର ଆଦିବାସୀ ଅଞ୍ଚଳରେ ଲଘୁଶସ୍ୟ (ମାଣ୍ଡିଆ ଓ ସୁଆଁ ଜାତୀୟ) ଫସଲ ସ୍ୱତନ୍ତ୍ର ଯୋଜନା

**ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ**

୧. ପୌଷ୍ଟିକ ସୁରକ୍ଷା ନିମନ୍ତେ ଲଘୁ ଶସ୍ୟ ଫସଲର ଖାଦ୍ୟ ଉପରେ ପରିବାର ପ୍ରତି ଶତକଡ଼ା ୨୫ ଭାଗକୁ ବୃଦ୍ଧି ।

୨. ଗ୍ରାମ ପଞ୍ଚାୟତ ଏବଂ ବ୍ଲକ ସ୍ତରରେ ରଘୁ ଜାତୀୟ ଫସଲର ପ୍ରକ୍ରିୟା କରଣ ଉଦ୍ୟୋଗର ସ୍ଥାପନ ।

୩. ଲଘୁ ଶସ୍ୟ ଫସଲକୁ ଲାଭଦାୟକ କରିବା ଉଦ୍ଦେଶ୍ୟରେ ଉତ୍ପାଦକତା ହାରକୁ ବୃଦ୍ଧି ।

୪. ଲଘୁ ଶସ୍ୟ ଫସଲର ଉଦ୍ୟୋଗ ସ୍ଥାନପ କରି ଗ୍ରାମ କିମ୍ବା ସହରରେ ଥିବା ବଜାର ସହିତ ଯୋଗସୁତ୍ର ସ୍ଥାପନ କରିବା ।

୫. ରାଜ୍ୟ ପୌଷ୍ଟିକ କାର୍ଯ୍ୟକ୍ରମ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଲଘୁ ଶସ୍ୟ ଜାତୀୟ ଖାଦ୍ୟକୁ ସାମିଲ କରିବା ।



For receipes : visit www.food.ndtv.com / indiahealthrecipes

## ଲଘୁଶସ୍ୟ (ମାଣ୍ଡିଆ) ଖାଦ୍ୟର ଉପକାରିତା

୧. ମଧୁମେୟ ଓ ମେଦବହୁଳ ହ୍ରାସ ପାଇଁ ଉତ୍କୃଷ୍ଟ ଖାଦ୍ୟ

୨. ହୃଦ ରୋଗର ପ୍ରତିରୋଧ ଶକ୍ତି ବଢାଏ

୩. ଶରୀରର ହାଡ ବୃଦ୍ଧି ପାଇଁ ସର୍ବୋତ୍କୃଷ୍ଟ

୪. ରକ୍ତ ହୀନତା, ମାନସିକ ଚାପ

୫. ରକ୍ତରେ କୋଲେଷ୍ଟ୍ରୋଲ ସ୍ତରକୁ କମାଇବାରେ ସାହାଯ୍ୟ କରେ

୬. ହୃଦ ଘାତର ସମ୍ଭାବନା କୁ କମାଇଥାଏ

୭. ପୃଷ୍ଟିସାର ପାଇଁ ଗାଈ କ୍ଷୀରର ବିକଳ୍ପ

୮. ଶିଶୁ ଏହାର ପାଇଁ ସର୍ବୋତ୍କୃଷ୍ଟ

୯. ମା କ୍ଷୀର ବୃଦ୍ଧିରେ ସାହାଯ୍ୟ କରେ

୧୦. ତ୍ୱଚା କୁ ସତେଜ ଏବଂ ସୁସ୍ଥ ରଖିବାରେ ସାହାଯ୍ୟ କରେ

୧୧. ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ

୧୨. ଶରୀରରୁ ଅଦରକାରୀ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରେ

୧୩. ସ୍ତନ କର୍କଟକୁ ନିବାରଣ କରିବାରେ ସାହାଯ୍ୟ କରେ

୧୪. ରକ୍ତ ଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ

୧୫. ବୃକକ, ଯକୃତକୁ ଏବଂ ଦେହର ରୋଗ ପ୍ରତିରୋଧକ ଶକ୍ତିକୁ ଅନୁକୂଳ ରଖିବାରେ ସାହାଯ୍ୟ କରେ

ଆପଣଙ୍କ ଭୋଜନରେ ଲଘୁ ଶସ୍ୟ ଖାଦ୍ୟକୁ ସାମିଲ କରନ୍ତୁ ।
ଆଜିର ନିଷ୍ପତ୍ତି ଆପଣଙ୍କ ଭବିଷ୍ୟତ ବଦଳାଇ ନେଇପାରେ
**ମାଣ୍ଡିଆ ଖାଆନ୍ତୁ ... ରୋଗମୁକ୍ତ ରୁହନ୍ତୁ ।**

## ଆଧୁନିକ ପ୍ରଣାଳିରେ ମାଣ୍ଡିଆ ଚାଷ

**ଜମି -**
ସମତଳ, ନିଗିଡା ଡିପ ଜମି ମାଣ୍ଡିଆ ଚାଷ ପାଇଁ ଉପଯୁକ୍ତ । ଲୁଣି ମାଟିରେ ମଧ୍ୟ ମାଣ୍ଡିଆ ଚାଷ କରାଯାଇ ପାରିବ । କାରଣ ଅନ୍ୟ ଫସଲ ତୁଳନାରେ ମାଣ୍ଡିଆର ଲୁଣି ସହଣୀ ଶକ୍ତି ଅଧିକ । ଏହା ଖୁବ୍ କମ୍ ପାଣି ଦରକାର କରେ ।

**ଚାଷ ସମୟ -**
ବର୍ଷର ସବୁ ସମୟରେ ମାଣ୍ଡିଆ ଚାଷ କରାଯାଇପାରେ । ବର୍ଷାଦିନିଆ, ପ୍ରାକ୍ ରବି ଓ ସାମାନ୍ୟ ଜଳସେଚନର ସୁବିଧା ଥିଲେ ରବି ଏବଂ ଖରାଦିନିଆ ଫସଲଭାବେ ମାଣ୍ଡିଆ ଚାଷ କରାଯାଇଥାଏ। ଅଗଷ୍ଟ, ସେପ୍ଟେମ୍ବର ମାସରେ ରବି ଋତୁର ପୂର୍ବବର୍ତ୍ତୀ ଫସଲ ରୂପେ ଏହାକୁ ଚାଷ କଲେ ଜଳସେଚନ ଆବଶ୍ୟକ ହୁଏ ନାହିଁ । ଲଘୁ ଶସ୍ୟ ମଧ୍ୟରେ ମାଣ୍ଡିଆ ଏକ ପ୍ରଧାନ ଫସଲ। ମାଣ୍ଡିଆ ଫସଲ ଖୁବ୍ କମ୍ ପାଣି ଆବଶ୍ୟକ କରୁଥିବାରୁ ରବି ଋତୁରେ ଓ ଖରାଦିନେ କେନାଲର ଶେଷ ମୁଣ୍ଡରେ ଏବଂ ସେଚାଞ୍ଚଳରେ କ୍ଷୁଦ୍ର ଜଳସେଚନ ମାଧ୍ୟମରେ ବହୁ ଫସଲ ପର୍ଯ୍ୟାୟରେ ଚାଷ କରାଯାଇଥାଏ ।

**ବିହନ କିସମ -** ଦିବ୍ୟସିଂହ (୮୫ ଦିନ), ଏ.କେ.ପି-୩ (୧୦୫-୧୧୦ ଦିନ), ଗୋଦାବରୀ (୧୧୫ ଦିନ), ଭୈରବୀ (୧୦୫ ଦିନ), ଚିଲିକା (୧୦୦ ଦିନ), ଏ.କେ.ପି-୨ (୮୫ ଦିନ), ଏ.କେ.ପି-୭ (୮୫-୯୦ ଦିନ) ନୀଳାଚଳ (୧୦୦-୧୦୫ ଦିନ), ଶୁଭ୍ରା (୧୦୦ ଦିନ)

**ଲଗାଇବା ସମୟ -** ତଳି ପାଇଁ ବିଭିନ୍ନ ଋତୁରେ ନିମ୍ନମତେ ମାଣ୍ଡିଆ ବିହନକୁ ତଳି ପଟାଳିରେ ବୁଣନ୍ତୁ । ଋତୁ ତଳି ପକାଇବା ସମୟ, ବର୍ଷା ଋତୁ ଜୁନ୍ ପ୍ରଥମାର୍ଦ୍ଧ, ଶୀତ ଋତୁ ଅଗଷ୍ଟ ଦ୍ୱିତୀୟାର୍ଦ୍ଧରୁ ସେପ୍ଟମ୍ବର ପ୍ରଥମାର୍ଦ୍ଧ, ଗ୍ରୀଷ୍ମଋତୁ ଜାନୁଆରୀ ପ୍ରଥମାର୍ଦ୍ଧ

ବିହନ ପରିମାଣ ସିଧା ସଳଖ ବୁଣିଲେ ହେକ୍ଟର ପ୍ରତି ୧୦ କି.ଗ୍ରା ବିହନ ଦରକାର । ତଳି ପକାଇ ରୋଇବା ପାଇଁ କେବଳ ୬ କି.ଗ୍ରା ବିହନ ଯଥେଷ୍ଟ ।

ବିହନ ବିଶୋଧନ - ଏକ କି.ଗ୍ରା ବିହନ ସହିତ ୩ ଗ୍ରାମ୍ ହିସାବରେ କ୍ୟାପ୍ଟେନ କିମ୍ବା ଥିରାମ୍ କିମ୍ବା ୧ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍ ଗୋଳାଇ ବିହନ ବିଶୋଧନ କରନ୍ତୁ ।

**ଜମି ପ୍ରସ୍ତୁତି -** ବିହନ ସିଧାସଳଖ ବୁଣିବା ପାଇଁ ଗୁଣ୍ଡ ଚାଷ ଦରକାର । ଚାଷ ସମୟରେ ହେକ୍ଟର ପ୍ରତି ୫ ଟନ୍ ଗୋବର ଖତ କିମ୍ବା କଂପୋଷ୍ଟ ପ୍ରୟୋଗ କରି ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ । ଉଈ ଆକ୍ରମଣରୁ ଫସଲକୁ ରକ୍ଷା କରିବା ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା କ୍ଲୋରାପାଇରିଫସ୍ ଗୁଣ୍ଡ ୧.୫ ଶତାଂଶ ଜମି ପ୍ରସ୍ତୁତି ସମୟରେ ପ୍ରୟୋଗ କରନ୍ତୁ ।

**ଚାଷ ପ୍ରଣାଳୀ-** କ) ବିହନବୁଣା - ବିଶୋଧିତ ବିହନକୁ ୨୦ ସେ.ମି. ଦୂରତାରେ ସିଆର୍‌କାଟି ଧାଡିରେ ବୁଣନ୍ତୁ। ବୁଣାପରେ ଧାଡି ଦିଗରେ ମଇ ଦେଇ ମାଟି ଘୋଡାଇ ଦିଅନ୍ତୁ । ମାଟିରେ ବତର ଥିବା ସମୟରେ ବିହନ ବୁଣିବା ଭଲ ।

**ଖ) ତଳିଘରା ପ୍ରସ୍ତୁତି -** ରୋଇବା ପାଇଁ ମାଟି ଭଲଭାବେ ଗୁଣ୍ଡ କରି ତଳିଘରା ପ୍ରସ୍ତୁତ କରନ୍ତୁ । ଖତ ସହିତ ତଳିଘରାରେ ପ୍ରତି ବର୍ଗମିଟର ପାଇଁ ୧୦ ଗ୍ରାମ୍ ହିସାବରେ ଯବକ୍ଷାରଜାନ ଓ ଫସଫରସ୍ ପ୍ରୟୋଗ କରି ଆବଶ୍ୟକ ପରିମାଣର ବିହନକୁ ତଳିଘରାରେ ସବୁଆଡେ ସମାନ ଭାବରେ ବୁଣନ୍ତୁ ଓ ଆବଶ୍ୟକତା ଅନୁସାରେ ଜଳସେଚନ କରନ୍ତୁ।

**ଗ) ରୁଆ-** ୨୫-୩୦ ଦିନର ତଳି ରୋଇବା ପାଇଁ ଉପଯୁକ୍ତ ହୋଇଥାଏ । ଶେଷ ଓଡ ଚାଷ ବେଳ ଖତ ସାର ପ୍ରୟୋଗ କରି ସହଳ କିମସ ତଳିକୁ ୧୫X୧୦ ସେ.ମି ମଝିଆଳି ଓ ବିଳମ୍ବ କିସମ ତଳିକୁ ୨୦X୧୦ ସେ.ମି ବ୍ୟବଧାନରେ ରୁଅନ୍ତୁ । ସବୁ କିସମ ତଳିକୁ ଲଙ୍ଗଳ ସିଆରରେ ରୋଇଲେ ଖର୍ଚ୍ଚ କମ୍ ହୁଏ । ଗଛକୁ ଗଛ ୮-୧୦ ସେମି ବ୍ୟବଧାନ ରଖି ଦୁଇଟି ତଳି ଅଗଭୀରରେ ରୁଅନ୍ତୁ । ସିଆରରେ ରୋଇବା ସମୟରେ ତଳିର ମୂଳଭାଗ ପାଖ ସିଆର ଟଣାଯିବା ସମୟରେ ପୋତି ହୋଇଯାଏ । ଅଗଭୀରରେ (୫ ସେ.ମି. ମଧ୍ୟରେ) ରୋଇଲେ ଶୀଘ୍ର ଚେର ଧରେ ଓ ଭଲ ପିଲ ହୁଏ ।

### କୃଷକଙ୍କ ପାଇଁ ମୋବାଇଲ୍ ଏପସ୍

KISANSUBIDHA DIGITAL MANDI FORMS PORTAL

**ସାର ପ୍ରୟୋଗ -**
ମାଟ ପରୀକ୍ଷା କରି ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଯେଉଁଠାରେ ମାଟି ପରୀକ୍ଷା କରାଯାଇ ନାହିଁ, ହେକ୍ଟର ପ୍ରତି ଅଣଜଳସେଚିତ ମାଣ୍ଡିଆ ପାଇଁ ୪୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସଫରସ୍ ଓ ୨୦ ପଟାସ୍ ଏବଂ ଜଳସେଚିତ ଫସଲ ପାଇଁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ।
ଏଥି ମଧ୍ୟରୁ ସବୁତକ ଫସ୍‌ଫରସ୍ ଓ ପଟାସ୍ ସହିତ ଅଧା ପରିମାଣର ଯବକ୍ଷାରଜାନ ରୋଇବା କିମ୍ବା ବୁଣିବା ପୂର୍ବରୁ ଏବଂ ବାକି ଅଧା ଯବକ୍ଷାରଜାନ ପ୍ରଥମ କୋଡାଖୁସା ପୂର୍ବରୁ ପ୍ରୟୋଗ କରନ୍ତୁ ।

**ଅନ୍ତଚାଷ-**
ବୁଣା ଯାଇଥିବା ମାଣ୍ଡିଆ ଫସଲକୁ ଶୀଘ୍ର ବଛାବଛି କଲେ ଅଧିକ ଅମଳ ମିଳେ । ବୁଣାଯିବାର ୨-୩ ସପ୍ତାହ ମଧ୍ୟରେ ପ୍ରଥମ ଥର କୋଡାଖୁସା ଓ ଘାସ ବଛା କରି ଦିଅନ୍ତୁ । ପ୍ରଥମ ଥର ଘାସ ବଛା ଯିବାର ୧୫ ଦିନ ପରେ ଦ୍ୱିତୀୟ ଥର ବଛାବଛି କରନ୍ତୁ । ରୁଆ ଫସଲରେ ରୁଆ ଯିବାର ୨-୩ ସପ୍ତାହ ପରେ କୋଡାଖୁସା ଓ ବଛାବଛି ଶେଷ କରି ଦିଅନ୍ତୁ । ଆବଶ୍ୟକ ସ୍ଥଳେ ୨ୟ ଥର ବଛାବଛି କଲେ ଭଲ ଅମଳ ମିଳେ । କୋଡାଖୁସା ପୂର୍ବରୁ ସାର ପ୍ରୟୋଗ କଲେ ଏହା କୋଡାଖୁସା ବେଳେ ମାଟିରେ ଭଲଭାବେ ମିଶିଯାଏ ।

## ବଜାର ଚାହୁଁଥିବା ମାନ ଆମେ ଯୋଗାଇବୁ

| କ୍ର.ନଂ | ପରିମାଣ | ପରିସର-୧ | ପରିସର-୨ | ପରିସର-୩ |
|---|---|---|---|---|
| ୧. | ଆଦ୍ରତା | ୧୨% | ୧୨.୧-୧୩% | ୧୩.୧-୧୪% |
| ୨. | ଭୌତିକ ଅଂଶ | ୦.୧ | ୦.୧୧-୦.୭୫ | ୦.୭୬-୧.୦ |
| ୩. | ଅନ୍ୟାନ୍ୟ ଖାଦ୍ୟ ଉପଯୋଗି ମିଶା ଶସ୍ୟ | ୧% | ୧.୧-୨% | ୨.୧-୪% |
| ୪. | ଖରାପ, ପୋକରା, ଅପକ୍ୱ ଶସ୍ୟ | ୩.୧ | ୩.୨-୬.୩ | ୬.୪-୯.୫ |
| ୫. | ପାଉଁଶ | ୬.୦ | ୬.୧-୭.୦ | ୭.୧-୮ |

ସ୍ରୋତ :- www.enam.gov.in

**ରୋଗପୋକ ପରିଚାଳନା ପାଇଁ କୃଷି ଓ କୃଷକ ଶସକ୍ତି କରଣ ବିଭାଗୀୟଙ୍କ ସହିତ ଯୋଗାଯୋଗ କରନ୍ତୁ ।**

**କୃଷି ସମ୍ବନ୍ଧୀୟ ଯେକୌଣସି ସମସ୍ୟାର ସମାଧାନ ପାଇଁ ବିନା ଦେୟରେ ଯେକୌଣସି ମୋବାଇଲ ଫୋନରୁ କିଶାନ୍ କଲ୍ ସେଣ୍ଟର ୧୮୦୦ ୧୮୦ ୧୫୫୧କୁ ଫୋନ କରନ୍ତୁ ।**